
ଝୁଲିଲ ମୋ ପାଇଁ କ୍ରୁଶରେ ଆହେ
ମୋର ଯୀଶୁ ସୁନ୍ଦର
ଝରି ଗଲା ଝର ଝର, କେତେ
ତପତ ରୁଧିର ॥


ରକତେ ରଂଜିତ ଶରୀର,
ଛୁଟେ ତହୁଁ ପ୍ରେମର ଧାର,
ମୋର ପାପ ଧୋଇବା ପାଇଁ,
ବହିଥିଲା ସେ ଧାର ଧାର




ପ୍ରଭୁ ଯୀଶୁ କ୍ରୁଶ ବିନାରେ,
ନୋହୁଁ ମୋର ଦର୍ପ କାହିଁରେ,
ଯେତେ ପ୍ରିୟ ଅସାର ପେଡ଼ି,
ଥୁଏ ପଦେ ମୁଁ ବାରବାର ।।

ସହିଲ ହେ କେତେ କଷଣ,

ନାହିଁ କାହିଁ ପ୍ରେମ ଏସନ,

କରେ ଦାବି ତୁମରି ପ୍ରେମ,

ଦେହ ଆତ୍ମା ମନ ମୋର ।।

***